unicef
for every child

# ଆଦ୍ୟ-ଶୈଶବ ଦିବସ ସହାୟକ ପୁସ୍ତିକା



ମହିଳା ଓ ଶିଶୁ ବିକାଶ ଏବଂ ମିଶନଶକ୍ତି ବିଭାଗ
ଓଡ଼ିଶା - ୨୦୧୯

**ଉପଦେଷ୍ଟା**

**ଶ୍ରୀମତୀ ଅନୁ ଗର୍ଗ, ଆଇ.ଏ.ଏସ୍**

ପ୍ରମୁଖ ଶାସନ ସଚିବ,

ମହିଳା ଓ ଶିଶୁବିକାଶ ଏବଂ ମିଶନଶକ୍ତି ବିଭାଗ

**ସଂପାଦନା ଓ ସଂଯୋଜନା**


**ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ-**ଗଞ୍ଜାମ, ବରଗଡ଼, ମାଲକାନଗିରି ଏବଂ ଅନୁଗୁଳ

**ଲଳିତା ପଟ୍ଟନାୟକ,** ଏଜୁକେସନ୍ ସ୍ପେଶାଲିଷ୍ଟ୍, ୟୁନିସେଫ୍

**ମଧୁମିତା ଦାସ,** ରାଜ୍ୟ ଇ.ସି.ସି.ଇ ପରାମର୍ଶଦାତା

# ଆପଣଙ୍କ ପାଇଁ ଚିଠିଟିଏ

ସ୍ନେହର ଅଙ୍ଗନବାଡି କର୍ମୀମାନେ,



ତମର ଆଦ୍ୟ-ଶୈଶବ (ଇସିସିଇ) କାର୍ଯ୍ୟକ୍ରମକୁ ସୁଦୃଢ଼ କରିବାର ପ୍ରୟାସକୁ ମୁଁ ଶୁଭେଚ୍ଛା ଜଣାଉଛି । ତଳେ କିଛି ଗୁରୁତ୍ୱର କଥା ମଧ ଲେଖୁଛି ।

ତମେ ଜାଣିଥିବ ଶିଶୁଟିର ପ୍ରାରମ୍ଭିକ ବର୍ଷଗୁଡିକରେ ଦୃତ ବୃଦ୍ଧି ଓ ବିକାଶ ଘଟୁଥିବାରୁ ଏହି ବର୍ଷଗୁଡ଼ିକ ମହତ୍ୱପୂର୍ଣ୍ଣ ଅଟେ । ସମସ୍ତ ବିକାଶ-ଶାରୀରିକ ଅଭିବୃଦ୍ଧି, ସାମାଜିକ ଭାବନା, ଭାଷା, ଅନୁଭୂତି ଓ ବୋଧଶକ୍ତି ପାଇଁ ଏହି ବର୍ଷଗୁଡ଼ିକ ଭିତିଭୂମି ଭାବେ କାର୍ଯ୍ୟ କରିଥାଏ । ଯଦି ପ୍ରାରମ୍ଭିକ ସୋପାନ ଦୃଢ଼ ହୋଇଥାଏ ତେବେ ବିକାଶର ପରବର୍ତ୍ତୀ ସୋପନରେ ଉନ୍ନତି ଘଟିଥାଏ । ଶିଶୁର ଭବିଷ୍ୟତ ବିକାଶ ପ୍ରାରମ୍ଭିକ ସୋପାନ ଉପରେ ନିର୍ଭର କରିଥାଏ । ପ୍ରଥମେ ଶବ୍ଦ କହୁଥିବା ଶିଶୁଟିଏ ପରବର୍ତ୍ତୀ ସମୟର ବାକ୍ୟ କହିବାକୁ ସମର୍ଥ ହୋଇଥାଏ ; ଶିଶୁ ଗୁରୁଣ୍ଡିବା ଆରମ୍ଭ କରିବା ପରେ ଆଶ୍ରା ପାଇଲେ ଠିଆ ହେବାକୁ ସମର୍ଥ ହୁଏ । ପ୍ରାରମ୍ଭିକ ବର୍ଷଗୁଡ଼ିକର ଅନୁଭୂତି, ଶିଶୁଟି ବଢ଼ିବଢ଼ି ପରିପକ୍ୱ ହେବା ପରେ ତା'ର ବ୍ୟକ୍ତିତ୍ୱ ଉପରେ ପ୍ରଭାବ ପକାଇଥାଏ । ଅନ୍ୟୁନ ଜଣେ ବୟସ୍କ ବ୍ୟକ୍ତିଙ୍କ ସହ ବିଶ୍ୱସନୀୟ ସଂପର୍କରେ ଆସିଥିବା ଶିଶୁଟିଏ ଜୀବନର ପରବର୍ତ୍ତୀ ସମୟରେ ଅନ୍ୟ ବ୍ୟକ୍ତିଙ୍କ ସହ ବିଶ୍ୱସନୀୟ ସମ୍ପର୍କ ଗଢ଼ିବାକୁ ଶିକ୍ଷାଲାଭ କରିଥାଏ ।

ଏହି ଗୁରୁତ୍ୱପୂର୍ଣ୍ଣ ବର୍ଷଗୁଡ଼ିକରେ ସର୍ବାଧିକ ମାନସିକ ବିକାଶ ଘଟିଥାଏ । ବ୍ୟକ୍ତି ଓ ପରିବେଶର ଅନୁଭୂତିରୁ ଶିଶୁର ମସ୍ତିଷ୍କରେ ସ୍ନାୟବିକ ବିକାଶ ହୋଇଥାଏ । ସ୍ପର୍ଶକାତର ଅନୁଭୂତି ସ୍ନାୟବିକ ସଂଯୋଗରେ ବିକାଶ ଘଟାଇଥାଏ । ଅନୁଭୂତିର ଅଭାବ ଶିଶୁର ମସ୍ତିଷ୍କ ବିକାଶକୁ ପ୍ରଭାବିତ କରିଥାଏ । ସଂଯୋଗ ଯେତେ ଅଧିକ ହେବ ଶିଶୁର ବୋଧଶକ୍ତି ସେତେ ବୃଦ୍ଧି ପାଇବ । ବିଭିନ୍ନ କାର୍ଯ୍ୟକ୍ରମରେ ଅଂଶଗ୍ରହଣ ଓ ଅନୁଭୂତିସମ୍ପନ୍ନ ହେବା ପ୍ରତ୍ୟେକ ଶିଶୁର ଅଧିକାର, ଯାହାକି ସେମାନଙ୍କୁ ଅଧିକ ବିକାଶ ଓ ବୃଦ୍ଧି ଦିଗରେ ସହାୟକ ହୋଇଥାଏ ।

ଏହାର ଗୁରୁତ୍ୱପୁର୍ଣ୍ଣ ସୁଫଳ ହେଉଛି ; ଯେଉଁ ଶିଶୁମାନେ ଆଦ୍ୟ-ଶୈଶବ କାର୍ଯ୍ୟକ୍ରମରେ ଯୋଗଦିଅନ୍ତି ସେମାନେ ପ୍ରାଥମିକ ଶ୍ରେଣୀ/ବିଭାଗରେ ସଫଳତା ଲାଭ କରିବାକୁ ସମର୍ଥ ହୋଇଥାନ୍ତି । ଶିଶୁଟି ଆବଶ୍ୟକ ଦକ୍ଷତା ଏବଂ ଧାରଣା ସମ୍ପର୍କରେ ଶିକ୍ଷାଲାଭ କରିଥାଏ । ଫଳରେ ସେମାନେ ପ୍ରାଥମିକ ଶିକ୍ଷାର ଆଶା ଆକାଂକ୍ଷା ପୂରଣ କରିପାରିଥାନ୍ତି । ଫଳରେ ସେମାନେ ଏକାଗ୍ରତା ଏବଂ ଗୁରତ୍ୱର ସହ ଆକୃତି, ଆକାର, ରଙ୍ଗ ଚିନ୍ତାଧାରା ସମ୍ପର୍କରେ ଶିକ୍ଷାଲାଭ କରିଥାଏ । ଏଥିସହ ଭେଦଭାବ ନିରୂପଣ ଦକ୍ଷତା, କଥୋପକଥନ ଆଦି ସଂପର୍କରେ ସେମାନେ ଜ୍ଞାନ ଆହରଣ କରିବାରେ ସମର୍ଥ ହୋଇପାରନ୍ତି । ପ୍ରାରମ୍ଭିକ ବର୍ଷରେ ଶିଶୁକୁ ଗୁଣାତ୍ମକ ସମୟ ଦେଲେ ତାହା ସର୍ବାଧିକ ସୁଫଳ ଦେଇଥାଏ ।

ଏହି ଚଲାପଥରେ ତମ ମାନଙ୍କୁ ଉପରୋକ୍ତ ବିଷୟ ପ୍ରତି ଧ୍ୟାନରଖି "ଆଦ୍ୟ-ଶୈଶବ ଦିବସ"କୁ ସକ୍ରିୟ କରିବାକୁ ନିଶ୍ଚିନ୍ତ କରିବେ, ଏହାଦ୍ୱାରା ଶିଶୁଙ୍କ ଯତ୍ନ ଓ ଶିକ୍ଷାରେ ପିତାମାତା ଓ ଗୋଷ୍ଠୀ ସମ୍ପ୍ରଦାୟର ଭାଗୀଦାରିତାକୁ ପ୍ରାଧାନ୍ୟ ଦେବେ । ଯହାଦ୍ୱାରା ଏହା ଆମେ ମିଳିତ ଭାବରେ ୫ଟି ଲକ୍ଷ୍ୟସାଧନରେ ସ୍ୱଚ୍ଛତା, ଜ୍ଞାନ କୌଶଳ, ଦଳଗତ କାର୍ଯ୍ୟ, ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ରୂପାନ୍ତରତା କରି ଏକ ଦୀର୍ଘସ୍ଥାୟୀ ଗୋଷ୍ଠୀ ଭିତ୍ତିକ ଇସିସିଇ ସେବାକୁ ସୁଦୃଢ଼ କରିପାରିବା ।

ଅନୁ ଗର୍ଗ

**ଅନୁ ଗର୍ଗ**

## ମାଲକାନଗିରି ଓ ନଗଡାର ସକ୍ରିୟ କାର୍ଯ୍ୟକ୍ରମ ଓ ସ୍ଥାୟୀ ଆଦ୍ୟ-ଶୈଶବ ଦିବସ ପାଳନ















# ସୂଚୀପତ୍ର


ଉପକ୍ରମଣିକା ୧

ସ୍ଥାୟୀ ମାସିକ ଇସିସିଇ ଦିବସ ଆୟୋଜନର ଉଦ୍ଦେଶ୍ୟ ୧

ମାସିକ ସ୍ଥାୟୀ ଇସିସିଇ ଦିବସରେ କାର୍ଯ୍ୟକ୍ରମ ପାଇଁ ପରାମର୍ଶ ୧

ସ୍ଥାୟୀ ମାସିକ ଇସିସିଇ ଦିବସରେ କେଉଁମାନେ ସାମିଲ ହେବେ ୪

ସ୍ଥାୟୀ ମାସିକ ଇସିସିଇ ଦିବସ ଅବସରରେ ଅଭିଭବକଙ୍କ ସହ ଆଲୋଚ୍ୟ ପ୍ରସଙ୍ଗ ୪

ମାସିକ ଚର୍ଚ୍ଚା ସୂଚୀ ଏବଂ ଚର୍ଚ୍ଚା ପତ୍ର ୫

ମାସିକ ସ୍ଥାୟୀ ଇସିସିଇ ଦିବସ ପାଇଁ ଅଙ୍ଗନୱାଡ଼ି କର୍ମୀ ଓ ସହାୟିକାଙ୍କ ଭୂମିକା ୮

ସ୍ଥାୟୀ ମାସିକ ଇସିସିଇ ଦିବସ ପାଇଁ ପଞ୍ଚାୟତିରାଜ ଅନୁଷ୍ଠାନ ଓ ସହରାଂଚଳ ସ୍ୱୟଂଶାସିତ ସଂସ୍ଥା ସଦସ୍ୟଙ୍କ ଭୂମିକା ୮

ସ୍ଥାୟୀ ମାସିକ ଇସିସିଇ ଦିବସ ପାଇଁ ସିଡ଼ିପିଓ / ସୁପରଭାଇଜରଙ୍କ ଭୂମିକା ୯

ସ୍ଥାୟୀ ମାସିକ ଇସିସିଇ ଦିବସ ଆୟୋଜନ ପାଇଁ ତଦାରଖ ଓ ଅନୁଧ୍ୟାନ ବ୍ୟବସ୍ଥା ୯

ସ୍ଥାୟୀ ମାସିକ ଇସିସିଇ ଦିବସରୁ ଆକାଂକ୍ଷିତ ଫଳାଫଳ ୯

ଶୈଶବରେ ଆଦ୍ୟ – ଉଦ୍ଦୀପନା ଓ ଅଭିପ୍ରେରଣାର ଭୂମିକା ୧୩

ଶୈଶବରେ ଆଦ୍ୟ – ଉଦ୍ଦୀପନା ଓ ଅଭିପ୍ରେରଣାର ଭୂମିକା ୧୫

ଶିଶୁର ଅଭିବୃଦ୍ଧିରେ ଖେଳର ଗୁରୁତ୍ୱ ୧୭

ଭଲ ଅଭ୍ୟାସ ସୃଷ୍ଟି କରିବା ୧୯





## ଉପକ୍ରମଣିକା

ଅଙ୍ଗନବାଡ଼ି କେନ୍ଦ୍ରରେ ପ୍ରତି ମାସ ୧୯ ତାରିଖରେ ସ୍ଥାୟୀ ଭାବେ ମାସିକ ଇସିସିଇ ଦିବସ ଆୟୋଜନ କରିବ। ଏହି "ଶୈଶବ ଦିବସ"ରେ ଅଭିଭାବକ / ସଂପ୍ରଦାୟ ମଧ୍ୟରେ ମତବିନିମୟ ପାଇଁ ମାସିକ ଇସିସିଇ ଦିବସ ଏକ ମାଧ୍ୟମ ଭାବେ କାର୍ଯ୍ୟ କରିଥାଏ । ଆଇସିଡ଼ିଏସ୍ କର୍ମକର୍ତ୍ତା ତର୍ଜମା, ସଚେତନତା ସୃଷ୍ଟି ଓ ଅଭିଭାବକ / ଗୋଷ୍ଠୀକୁ ସାମିଲ ନିମନ୍ତେ କାର୍ଯ୍ୟକ୍ରମ ଆୟୋଜନ କରିବେ ।

ସ୍ଥାୟୀ ମାସିକ ଇସିସିଇ ଦିବସ ପିଲାର ଆଦ୍ୟ ଶୈଶବ ଯତ୍ନ ଓ ବଡ଼ ପିଲାର ସର୍ବାଧିକ ବିକାଶ ନିମନ୍ତେ ଅଭିଭାବକ / ସଂପ୍ରଦାୟକୁ ସାମିଲ କରିବା ସହ ସେମାନଙ୍କ ସହ ଭାଗିଦାରୀ କରିପାରିବ ।

ଅଙ୍ଗନବାଡ଼ି କେନ୍ଦ୍ରକୁ ଆସୁଥିବା ସମସ୍ତ ପିଲା ଓ ୬ ବର୍ଷ ବୟସ ମଧ୍ୟରେ ଥିବା ପିଲାଙ୍କ ଅଭିଭାବକ /ଗୋଷ୍ଠୀ ସ୍ଥାୟୀ ମାସିକ ଇସିସିଇ ଦିବସରେ ଅଂଶଗ୍ରହଣ କରିବେ ।

## ସ୍ଥାୟୀ ମାସିକ ଇସିସିଇ ଦିବସ ଆୟୋଜନର ଉଦ୍ଦେଶ୍ୟ

- ବୟସ ଓ ବିକାଶ ଅନୁଯାୟୀ ଆବଶ୍ୟକ ଆଦ୍ୟ ଶୈଶବ ଯତ୍ନ ତଥା ଶିକ୍ଷା ସଂପର୍କରେ ଅଭିଭାବକ / ଗୋଷ୍ଠୀକୁ ସଚେତନ କରାଇବା
- ଅଭିଭାବକ ଓ ଗୋଷ୍ଠୀ ଯେପରି ସକ୍ରିୟ ଭାବେ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବା ସହ ଅଙ୍ଗନବାଡ଼ି କେନ୍ଦ୍ରକୁ ଶାରୀରିକ ଓ ସାମଗ୍ରୀ ଆକାରରେ ସହାୟତା କରିବେ ସେଥିପାଇଁ ସୁଯୋଗ ସୃଷ୍ଟି କରାଯିବା ଆବଶ୍ୟକ
- ଅଣଆନୁଷ୍ଠାନିକ କ୍ରୀଡ଼ା ଓ କାର୍ଯ୍ୟକଳାପ ଭିତ୍ତିକ ଶିକ୍ଷାଦାନ ପ୍ରଣାଳୀ ସଂପର୍କରେ ଅଭିଭାବକ ଓ ଗୋଷ୍ଠୀକୁ ସୂଚିତ କରିବା
- ପିଲାର ଅଗ୍ରଗତିର ଅଭିବୃଦ୍ଧ, ବିକାଶ ଓ ଜ୍ଞାନ ଆହରଣ ସଂପର୍କରେ ଅଭିଭାବକଙ୍କୁ ସୂଚନା ଦେବା

## ମାସିକ ସ୍ଥାୟୀ ଇସିସିଇ ଦିବସରେ କାର୍ଯ୍ୟକ୍ରମ ପାଇଁ ପରାମର୍ଶ

ମାସିକ ସ୍ଥାୟୀ ଇସିସିଇ ଦିବସରେ କିପ୍ରକାର କାର୍ଯ୍ୟକ୍ରମ ଆୟୋଜନ କରାଯାଇପାରେ ତାହାର ଏକ ତାଲିକା ନିମ୍ନରେ ପ୍ରଦାନ କରାଯାଇଛି । ପ୍ରତ୍ୟେକ ଇସିସିଇ ଦିବସ ପାଇଁ ଅଙ୍ଗନବାଡ଼ି କର୍ମୀ ଓ ସୁପରଭାଇଜର କାର୍ଯ୍ୟକ୍ରମକୁ ସଂକ୍ଷିପ୍ତ କରି ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଏସବୁ ଯେପରି ଆୟୋଜିତ ହୋଇପାରିବ ସେଥିପ୍ରତି ଦୃଷ୍ଟି ଦେବେ । ସଂପ୍ରଦାୟ ସଦସ୍ୟଙ୍କ ସକ୍ରିୟ ଅଂଶଗ୍ରହଣ ମଧ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯିବା ଉଚିତ୍ ।

| ଇସିସିଇ ଦିବସରେ କେଉଁ କାର୍ଯ୍ୟକ୍ରମ ଆୟୋଜନ କରାଯିବ | | |
|---|---|---|
| **କ) ମାସିକ** | **ଖ) ଦ୍ୱିମାସିକ** | **ଗ) ଷାଣ୍ମାସିକ** |
| ପାଠ୍ୟଖସଡ଼ା (କଳା, ହସ୍ତକଳା,ମଡ଼େଲ, ଅନ୍ୟକାର୍ଯ୍ୟ) ଅନ୍ତର୍ଭୁକ୍ତ ପିଲାମାନଙ୍କର ଦୈନିକ କାର୍ଯ୍ୟ ପ୍ରଦର୍ଶନ କର । | ପିଲାମାନଙ୍କ ଦ୍ୱାରା ଦଳଗତ ନୃତ୍ୟ, ଡ୍ରାମା, କବିତା ଆବୃତ୍ତି ନାଟକ ଆଦି ପ୍ରଦର୍ଶନ କର । ଅଙ୍ଗନବାଡ଼ିକୁ ଆସୁଥିବା ସମସ୍ତ ପିଲା ଯେପରି ଅଂଶଗ୍ରହଣ କରିବେ ସେଥିପ୍ରତି ଦୃଷ୍ଟି ଦିଅ । | ଖେଳ ଦିବସ (ଯେପରି ସବୁ ପିଲା ଅଂଶଗ୍ରହଣ କରିବେ ସେଥିପ୍ରତି ଦୃଷ୍ଟି ଦିଅ) |
| ଅଭିଭାବକ ଓ ସଂପ୍ରଦାୟ ଉଦ୍ଦେଶ୍ୟରେ ପିଲାମାନଙ୍କ କାର୍ଯ୍ୟକ୍ରମ ପ୍ରଦର୍ଶନ କର ଓ ଏହାର କାରଣ ସଂପର୍କରେ ସେମାନଙ୍କୁ ଅବଗତ କରାଅ । | ଇସିସିଇ ସେବାରେ ଉପଲବ୍ଧ ଗୃହଭିତ୍ତିକ ଅଭିଭାବକ ଓ ପିଲାଙ୍କ ପାଇଁ ଦଳଗତ କାର୍ଯ୍ୟକଳାପ | ଶିଶୁ ମେଳା, ଦୀପାବଳି, ସ୍ଥାନୀୟ ପର୍ବ ଆୟୋଜନ କରି ଏଥିରେ ବଡ଼ ପିଲା, ଅଭିଭାବକ ଓ ଗୋଷ୍ଠୀକୁ ଆନନ୍ଦଦାୟକ ଭାବେ ସାମିଲ କରିବା |

| | | |
|---|---|---|
| ଅଭିଭାବକ ଓ ଅଙ୍ଗନବାଡ଼ି କର୍ମୀଙ୍କ ମଧ୍ୟରେ ମତବିନିମୟ ସମୟରେ ପିଲାମାନଙ୍କ କାର୍ଯ୍ୟଧାରା ସଂପର୍କରେ କୁହ ଓ ମତାମତ ଗ୍ରହଣ କର । | ଅଭିଭାବକ ଓ ସଂପ୍ରଦାୟ ସହଯୋଗରେ କ୍ରୀଡ଼ା ଓ ଶିକ୍ଷଣୀୟ ଉପକରଣ ପ୍ରସ୍ତୁତି । | ଅଙ୍ଗନବାଡ଼ି କାନ୍ଥରେ ଶିଶୁ ଅନୁକୂଳ ଚିତ୍ରକଳା ଲାଗାଇବା |
| ଇସିସିଇ (ଚାର୍ଟ, ଦୃଶ୍ୟ-ଶ୍ରାବ୍ୟ) ସଂକ୍ରାନ୍ତ ସାମଗ୍ରୀ ପ୍ରଦର୍ଶନ କର । | ସ୍ଥାନୀୟ କଳାକାର ଓ ହସ୍ତକଳା ଶିଳ୍ପୀଙ୍କ ସହଯୋଗରେ କ୍ରୀଡ଼ା ସାମଗ୍ରୀ ପ୍ରସ୍ତୁତି । | |
| 'ଅଭିଭାବକଙ୍କ ସହ ଯେଉଁ ପ୍ରସଙ୍ଗରେ ଆଲୋଚନା' ଶୀର୍ଷକରେ ଥିବା ତାଲିକାଭୁକ୍ତ ବିଷୟରୁ ସେମାନଙ୍କୁ ମତରଖିବା ପାଇଁ କହିବେ । | | |
| ଶିଶୁ/ ଏଡ଼ବ୍ଲ୍ୟୁ ଡ଼ବ୍ଲ୍ୟୁ/ ଏଡ଼ବ୍ଲ୍ୟୁଏଚଙ୍କୁ ପୁରସ୍କୃତ ଓ ପ୍ରୋତ୍ସାହିତ କରିବାରେ ଗୋଷ୍ଠୀକୁ ସାମିଲ କର । | | |
| କଣ୍ଢେଇ ବ୍ୟାଙ୍କ, ଆକ୍ଟିଭିଟି ବ୍ୟାଙ୍କ, ବହି ବ୍ୟାଙ୍କ : ଅଭିଭାବକମାନେ କଣ୍ଢେଇ, କ୍ରୀଡ଼ା ଉପକରଣ, ବହି ବା ବିଭିନ୍ନ ଖେଳ ତଥା ପଢ଼ା ସାମ୍ରଗୀ ଦାନ କରିବା ପାଇଁ ଏକ ବ୍ୟବସ୍ଥା ସୃଷ୍ଟି କର । | | |
| କାର୍ଯ୍ୟକଳାପ ବ୍ୟାଙ୍କ ପାଇଁ ସ୍ଥାନୀୟ ସଂସ୍କୃତିକୁ ନେଇ ଗଳ୍ପ, ସଂଗୀତ, କ୍ରୀଡ଼ା, ଚିତ୍ର, ଗୀତ ଆଦି ସଂଗ୍ରହ କର । | | |

- ସ୍ତମ୍ଭ 'କ'ରେ ଥିବା କାର୍ଯ୍ୟକଳାପ ପ୍ରତି ମାସରେ ଆୟୋଜନ ହେବ
- ସ୍ତମ୍ଭ 'ଖ'ରେ ଥିବା କାର୍ଯ୍ୟକଳାପ ପ୍ରତି ୨ ମାସରେ ସ୍ତମ୍ଭ 'କ'କାର୍ଯ୍ୟକଳାପ ସହ ଅତିରିକ୍ତ ଭାବେ ଆୟୋଜନ ହେବ
- ସ୍ତମ୍ଭ 'ଗ'ରେ ଥିବା କାର୍ଯ୍ୟକଳାପ ପ୍ରତି ୬ ମାସରେ ସ୍ତମ୍ଭ 'କ' ଓ 'ଖ'ରେ ଥିବା କାର୍ଯ୍ୟକଳାପ ସହ ଅତିରିକ୍ତ ଭାବେ ଆୟୋଜନ କରାଯିବ









## ସ୍ଥାୟୀ ମାସିକ ଇସିସିଇ ଦିବସରେ କେଉଁମାନେ ସାମିଲ ହେବେ

- ଏଡ଼ବ୍ଲ୍ୟୁଡ଼ବ୍ଲ୍ୟୁ
- ଏଡ଼ବ୍ଲ୍ୟୁଏଚ
- କ୍ରେଚ କର୍ମୀ, ଅତିରିକ୍ତ ଏଡ଼ବ୍ଲ୍ୟୁଡ଼ବ୍ଲ୍ୟୁ ଓ ସହଯୋଗୀ କର୍ମୀ, ପିଏସଇ / ଇସିସିଇରେ କାର୍ଯ୍ୟରତ କୌଣସି ଶିକ୍ଷକ/ କର୍ମୀ
- ଗ୍ରାମ୍ୟ ଶିକ୍ଷା କମିଟି, ମାତୃ କମିଟି, ଗ୍ରାମ୍ୟ ସମ୍ବଳ ଗୋଷ୍ଠୀ ଆଦି ଦଳଭିତ୍ତିକ ସଂସ୍ଥାର ସଦସ୍ୟ
- ଅନୁରୂପ କ୍ଷେତ୍ରରେ କାର୍ଯ୍ୟରତ ସ୍ଥାନୀୟ ସେଚ୍ଛାସେବୀ ଅନୁଷ୍ଠାନ
- ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ, ସାକ୍ଷର ମିଶନ ପ୍ରେରକ, ନର୍ସରୀ ଶିକ୍ଷକ, ତାଲିମପ୍ରାପ୍ତ ଇସିସିଇ ବ୍ୟକ୍ତି
- ଜେଜେମା, ମା ଓ ବୟସ୍କ ନାଗରିକ
- ସ୍ଥାନୀୟ କଳାକାର, ଲୋକ କଳାକାର ଓ ହସ୍ତଶିଳ୍ପୀ
- ପାରମ୍ପରିକ ଓ ଗୋଷ୍ଠୀର ନେତା
- ମହିଳା ମଣ୍ଡଳ କାର୍ଯ୍ୟକର୍ତ୍ତା
- ଯୁବକ ସଂଘ ଓ ନେହେରୁ ଯୁବ କେନ୍ଦ୍ର କାର୍ଯ୍ୟକର୍ତ୍ତା
- ସ୍ୱାସ୍ଥ୍ୟକର୍ମୀ ଯଥା ଏଏନଏମ, ଆଶା ଓ ଏଲଏଚଭି
- ସଖୀ, ସହେଲୀ

## ସ୍ଥାୟୀ ମାସିକ ଇସିସିଇ ଦିବସ ଅବସରରେ ଅଭିଭବକଙ୍କ ସହ ଆଲୋଚ୍ୟ ପ୍ରସଙ୍ଗ

ଆଦ୍ୟ ଶୈଶବ ସମୟରେ ଗୋଷ୍ଠୀ ଓ ଅଭିଭାବକ ମୁଖ୍ୟ ଯତ୍ନ ପ୍ରଦାନକାରୀ ବ୍ୟକ୍ତିବିଶେଷ ହୋଇଥିବାରୁ ସେମାନଙ୍କ ଦକ୍ଷତା ବୃଦ୍ଧି ପାଇଁ ଅଭ୍ୟସ୍ତ ଅଧିବେଶନ ଓ କର୍ମଶାଳା ଆୟୋଜନ ଆୟୋଜନ କରାଯିବା ଆବଶ୍ୟକ । ପ୍ରତ୍ୟେକ ମାସରେ ସ୍ଥାୟୀ ଇସିସିଇ ଦିବସ ପାଇଁ ନିମ୍ନପ୍ରଦତ ତାଲିକାରୁ ଗୋଟିଏ ବିଷୟ ମନୋନୀତ କର ।

- ଆଦ୍ୟ ଶୈଶବର ଗୁରୁତ୍ୱ
- ଇସିସିଇ ଓ ଅଣ-ଆନୁଷ୍ଠାନିକ ପ୍ରାକ୍ ଶିକ୍ଷାର ଗୁରୁତ୍ୱ
- ଆରମ୍ଭ ବର୍ଷଗୁଡ଼ିକରେ ଅଭିବୃଦ୍ଧି ଓ ବିକାଶର ମାଇଲ ଖୁଂଟ ; ବିକାଶ ବିଳମ୍ବିତ ବା ଅକ୍ଷମତାର ଆଗୁଆ ସଙ୍କେତ
- ଆଗୁଆ ଉତ୍ସାହ ସୃଷ୍ଟି
- ଘରେ ଯତ୍ନ ନେବା
- ଖେଳର ଉପଯୋଗିତା
- ଭଲ ଅଭ୍ୟାସ କରିବା
- ଇସିସିଇରେ ଅଭିଭାବକ ଓ ଗୋଷ୍ଠୀର ଗୁରୁତ୍ୱ
- ବିଦ୍ୟାଳୟ ଯିବା ପିଲାପାଇଁ ପ୍ରସ୍ତୁତି
- ଅଙ୍ଗନବାଡ଼ି କେନ୍ଦ୍ରରେ ବିଭିନ୍ନ ଦାୟିତ୍ୱ (ଖାଦ୍ୟ ପ୍ରସ୍ତୁତି ଓ ବଂଟନ, ପିଲାମାନଙ୍କ ପାଇଁ ବାହ୍ୟ କାର୍ଯ୍ୟକଳାପ ଆଦି ଆୟୋଜନ) ତୁଲାଇବା ପାଇଁ ବଡ଼ ଝିଅ ଓ ମା'ମାନଙ୍କୁ ସାମିଲ ନିମନ୍ତେ ଜନସାଧାରଣଙ୍କ ସହ ପରାମର୍ଶ କରି ଏକ ବ୍ୟବସ୍ଥା ସୃଷ୍ଟି କରିବା ।
- ଅଙ୍ଗନବାଡ଼ି କେନ୍ଦ୍ରରେ ଗୀତ, ସଂଗୀତ, ଗଳ୍ପ, ଦଳଗତ ଖେଳ, ଖାଦ୍ୟ ପ୍ରସ୍ତୁତି, ଖାଦ୍ୟ ବିତରଣ ଆଦି ଶିକ୍ଷାଦାନ ପାଇଁ ଅଭିଭାବକ ଗୋଷ୍ଠୀ ଓ ମାତୃ ଗୋଷ୍ଠୀଙ୍କୁ ସାମିଲ କରିବା ।
- ସ୍ଥାନୀୟ ଭାବେ ଆବଶ୍ୟକ ପ୍ରସଙ୍ଗକୁ ଚିହ୍ନଟ କରାଯାଇ କାର୍ଯ୍ୟକ୍ରମ ଗ୍ରହଣ କରାଯାଇପାରେ

## ମାସିକ ଚର୍ଚ୍ଚା ସୂଚୀ ଏବଂ ଚର୍ଚ୍ଚା ପତ୍ର

| ମାସ | ବିଷୟ ବସ୍ତୁ | ଉଦ୍ଦେଶ୍ୟ | ପ୍ରଣାଳୀ | ସାଧନ |
|---|---|---|---|---|
| ୧. | ଆଦ୍ୟ ଶୈଶବରେ ସମ୍ପୂର୍ଣ୍ଣ ବିକାଶ | ପିତାମାତାଙ୍କୁ ଶିଶୁର ସମ୍ପୂର୍ଣ୍ଣ ବିକାଶ ସମ୍ବନ୍ଧିୟ ଧାରଣା ବିଷୟରେ ଜଣାଇବା। ଶିଶୁ ବିକାଶ ସମସ୍ୟା ଥିଲେ ଉଚିତ୍ ପଦକ୍ଷେପ ନବାକୁ ପରାମର୍ଶ ଦବୋ | ବ୍ୟକ୍ତିଗତ ଆଲୋଚନା | - ସଚିତ୍ର ପୁସ୍ତିକା |
| ୨. | ଆରମ୍ଭ ବର୍ଷ ଗୁଡିକରେ ଅଭିବୃଦ୍ଧି ଓ ବିକାଶର ମାଇଲଖୁଣ୍ଟ, ବିକାଶ ବିଳମ୍ବିତ ବା ଅକ୍ଷମତା /ଭିନ୍ନକ୍ଷମତାର ଆଗୁଆ ସଂଙ୍କେତ | ଶିଶୁର ବୟସାନୁକ୍ରମେ ଶାରୀରିକ, ମାନସିକ, ବୌଦ୍ଧିକ, ଭାଷାଗତ ଓ ସାମାଜିକ ବିଶାଶରେ ପିତାମାତାଙ୍କର ନିର୍ଦ୍ଦିଷ୍ଟ ଯତ୍ନ ଓ ସେବା ସମ୍ବନ୍ଧୀୟ ଧାରଣାକୁ ସୁଦୃଢ଼ କରିବା। | ବିଭିନ୍ନ ସାଧନର ସହାୟତା ମାଧ୍ୟମରେ ବ୍ୟକ୍ତିଗତ ଆଲୋଚନା | - ବିଳମ୍ବିତ ବିକାଶର ଆଦ୍ୟ ଚିହ୍ନଟ ସାଧନ କାର୍ଡ<br>- ଶିଶୁଙ୍କ ଝୁମୁକା (ବାଧ୍ୟ ଯତ୍ନ) ସଚିତ୍ର ଉର୍ଦ୍ଦିଷ୍ଟ ପୁସ୍ତିକା ମାନ, ଅଭ୍ୟାସ ପୁସ୍ତିକା କଣ୍ଢେଇ ଇତ୍ୟାଦି |
| ୩ | ଶିଶୁ ବିକାଶ, (ଗର୍ଭ ଧାରଣ ଠାରୁ ୬ ବର୍ଷ ପର୍ଯ୍ୟନ୍ତ ଘରେ ଏବଂ ଶିଶୁ ବିକାଶ କେନ୍ଦ୍ରରେ | ପିତାମାତାଙ୍କୁ ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ଆବଶ୍ୟକତା ସମ୍ବନ୍ଧରେ ଧାରଣା ଦେବା ଯେପରି<br>- ଗର୍ଭବସ୍ଥାରେ ଯତ୍ନ<br>- ୦-୧ ବର୍ଷ ମଧ୍ୟରେ<br>- ୧-୨ ବର୍ଷ ମଧ୍ୟରେ<br>- ୨-୩ ବର୍ଷ ମଧ୍ୟରେ<br>ଘରେ ଓ ପରିବାର ମଧ୍ୟରେ ପିତାମାତା କିପରି ଯତ୍ନ ନେବେ, ୩ ରୁ ୬ ବର୍ଷରେ ପିତାମାତା ଓ ଅଙ୍ଗନ ୱାଡି କେନ୍ଦ୍ରରେ ପିତାମାତା, ଅଭିଭାବକ ଏବଂ ଅଙ୍ଗନୱାଡି କର୍ମିଙ୍କର ଶିଶୁ ବିକାଶ ସମ୍ବନ୍ଦରେ ଜ୍ଞାନ ବଢ଼ାଇବା। | ଦଳଗତ ଆଲୋଚନା ଫିଲ୍ମ / ଚଳଚିତ୍ର ପ୍ରଦର୍ଶନ, ଆବଶ୍ୟକ ସ୍ଥଳେ ବ୍ୟକ୍ତିଗତ ଆଲୋଚନା | - ମୋ ବିକାଶ ପତ୍ର<br>- ମାତୃ ଓ ଶିଶୁ ସୁରକ୍ଷା କାର୍ଡ<br>- ୧୦୦ ଦିନର ଗୁରୁତ୍ୱ<br>- ବିଷୟ ସଂମ୍ବନ୍ଧୀୟ ଫିଲ୍ମ |
| ୪ | ଆଗୁଆ ଉତ୍ସାହ ସୃଷ୍ଟି ବା ଆଦ୍ୟ ଉର୍ଦ୍ଦିପନା | ଶିଶୁର ବିକାଶ ପାଇଁ ପିତାମାତାଙ୍କର ସ୍ୱତନ୍ତ୍ର ଯତ୍ନର ଆବଶ୍ୟକତାକୁ ତାଙ୍କ ସହିତ କଥା ହେବା, ସ୍ନେହ ଆଦର କରିବା ଓ ସମୟଦେଇ ଖେଳିବା ଇତ୍ୟାଦି ନିଶ୍ଚିତ କରିବା | - ଦଳଗତ ଆଲୋଚନା<br>- ଜେଜେବାପା ଓ ମାଙ୍କ ସହ ଆଲୋଚନା | - ସଚିତ୍ର ଆଦ୍ୟ ଉଦ୍ଦିପନା ସହାୟକ ପୁସ୍ତିକା<br>- ନୂଆ ଅରୁଣିମା ଦ୍ୱିତୀୟ ସଂସ୍କରଣର ପ୍ରଥମ ଭାଗ ଆଲୋଚନା |
| ୫ | ମସ୍ତିକ ବିକାଶ | ଶିଶୁର ମସ୍ତିକ ବିକାଶ ପ୍ରଥମ ୨-୩ ବର୍ଷ ମଧ୍ୟରେ ଅତିଶିଘ୍ର ବିକାଶ ହୋଇଥାଏ। ଏହି ସମୟରେ ବିଶେଷକରି ମାତା ପିତାଙ୍କର ଯତ୍ନ ଓ ଗୁଣାତ୍ମକ ଆଦ୍ୟ ଉଦ୍ଦିପନା ସମ୍ପୂର୍ଣ୍ଣ ବିକାଶକୁ ତ୍ୱରାନ୍ୱିତ କରିଥାଏ। | ଦଳଗତ ଆଲୋଚନା ଫିଲ୍ମ ପ୍ରଦର୍ଶନ | - ପୁସ୍ତିକା<br>- ୦-୩ ଏବଂ ୩-୬ବର୍ଷ |
| ୬ | ଖେଳର ଗୁରୁତ୍ୱ ଏକକ ଖେଳର ପ୍ରୋତ୍ସାହନ | ବିଭିନ୍ନ ବୟସରେ ଶିଶୁର ଭିନ୍ନ ଭିନ୍ନ ଖେଳର ଆବଶ୍ୟକତା ଏବଂ ସାମଗ୍ରିକ ବିକାଶରେ ଖେଳର ମହତ୍ୱ | - ବ୍ୟକ୍ତିଗତ ଏବଂ ଦଳଗତ ଆଲୋଚନା<br>- ଗୋଷ୍ଠୀରେ ଏବଂ ବାପା ମା ଖେଳିଥିବା ଖେଳ ପ୍ରଦର୍ଶନ | ଡୋମିନୋ କାର୍ଡ, ଗପ ବହି, ବିଭିନ୍ନ ଖେଳ |

| ମାସ | ବିଷୟ ବସ୍ତୁ | ଉଦ୍ଦେଶ୍ୟ | ପ୍ରଣାଳୀ | ସାଧନ |
|---|---|---|---|---|
| ୭ | ସୁଅଭ୍ୟାସ, ପରିମଳ ଓ ସ୍ୱାସ୍ଥ୍ୟ ଓ ସଫାସୁତୁରା ପରିବେଶ, ପରିଷ୍କାର ଓ ପରିଛନ୍ନତା | - ପିତାମାତା ଓ ଶିଶୁର ପରିଷ୍କାର ଓ ପରିଛନ୍ନତା ସମ୍ବନ୍ଧରେ ପିତା ମାତାଙ୍କ ଧାରଣା ଦବା। ତାର ଭଲ ଅଭ୍ୟାସ ଯାହାକି ପରବର୍ତ୍ତି ସମୟରେ ଏବଂ ଭବିଷ୍ୟତରେ ତା'ର ସାମଗ୍ରିକ ବିକାଶରେ ସହାୟକ ହେବ। | - ବ୍ୟକ୍ତିଗତ ଓ ଦଳଗତ ଆଲୋଚନା<br>- ନୂଆ ଅରୁଣିମା ଗପ ଓ ଗୀତ | ଛୋଟ ପିଲ୍ମ, ପୋଷ୍ଟର, ଦୃଶ୍ୟପଟ |
| ୮ | ପିତାମାତ, ଅଭିଭାବକ, ଜେଜେ ଓ ଜେଜେ ମା'ଙ୍କ ଅଂଶଗ୍ରହଣ | ଶିଶୁର ଆବେଗିକ, ବୈଦ୍ଧିକ ଓ ମନୋ ସାମାଜିକ ଯତ୍ନ ତାର ପରବର୍ତ୍ତି ବିକାଶ ଓ ବ୍ୟକ୍ତିତ୍ୱକୁ ସୁଦୃଢ଼ କରିଥାଏ। ସାକାରାତ୍ମକ ଚିନ୍ତା ଓ ଆତ୍ମ ବିଶ୍ୱାସ ଗଢ଼ିବାରେ ପିତାମାତାଙ୍କ ସହିତ ପରିବାରର ଅନ୍ୟ ସମସ୍ତ ସଦସ୍ୟ ମାନଙ୍କର ଅଂଶଗ୍ରହଣ ତାର ବଳିଷ୍ଠ ବ୍ୟକ୍ତିତ୍ୱ ଗଢ଼ିବାରେ ସାହାଯ୍ୟ କରେ। ସମସ୍ୟାରେ ନ ଭାଙ୍ଗିଯାଇ ବିଭିନ୍ନ ଦିଗକୁ ଆଖିଆଗରେ ରଖି ସମାଧାନର ପନ୍ଥା ନିର୍ଣ୍ଣୟ କରିବାରେ ସାହାଯ୍ୟ କରେ। | ଦଳଗତ ଆଲୋଚନା ଗପ ଶୁଣାଇବା ନିଜସ୍ୱ ଅଭିଜ୍ଞତାକୁ ପିଲାକୁ ଦର୍ଶନ / ଆଦର୍ଶ ଦେବା | - ନୂଆ ଅରୁଣିମା ୧ମ ଭାଗ<br>- ପରିବାର ସହାୟକ ପୁସ୍ତିକା |
| ୯ | ଟିଏଲ୍ଏମ୍ ଓ ଖାଦ୍ୟ ପ୍ରସ୍ତୁତି | ଅଙ୍ଗନବାଡି କେନ୍ଦ୍ରରେ କର୍ମିଙ୍କ ସହାୟତାରେ ବିଭିନ୍ନ ବୟସର ଶିଶୁଙ୍କ ପାଇଁ ଖେଳଣା, କଣ୍ଢେଇ, ରୋଷେଇ ଆଦି ପ୍ରସ୍ତୁତିର କାର୍ଯ୍ୟକ୍ରମ କରିବା। | - ଦଳଗତ କାର୍ଯ୍ୟକ୍ରମ<br>- ସ୍ଥାନୀୟଭାବେ ଆବଶ୍ୟକ ମିଳୁଥିବା ସାମଗ୍ରୀରେ ନୂତନ ଜିନିଷ ଶିଶୁଙ୍କ ପାଇଁ ତିଆରି କରିବା। | - ଘରେ ରହୁଥିବା ଅଣ ଉପଯୋଗି ସାମଗ୍ରୀ |
| ୧୦ | ବିଦ୍ୟାଳୟ ପ୍ରସ୍ତୁତି | - ଆଦ୍ୟ ଶୈଶବ କାର୍ଯ୍ୟକ୍ରମ ମାଧ୍ୟମରେ ମୋଟା ମୋଟି ଭାବେ ଶିଶୁକୁ ବିଶେଷ କରି ୫ ରୁ ୬ ବର୍ଷର ଶିଶୁକୁ ପ୍ରାକ ବିଦ୍ୟାଳୟ ପାଇଁ ପ୍ରସ୍ତୁତ କରିବା<br>- ପ୍ରାକ୍ ପଠନ, ପ୍ରାକ୍ ଲିଖନ ଏବଂ ସଂଖ୍ୟା ଗଣନା ସମ୍ବନ୍ଧରେ ଧାରଣା | - ଦଳଗତ ଆଲୋଚନା | - ପ୍ରାଥମିକ ବିଦ୍ୟାଳୟ ପ୍ରସ୍ତୁତି ସାମଗ୍ରୀ (ଛବି) |
| ୧୧ | ଶିଶୁ ମାନଙ୍କର ନିରାପତ୍ତା ଓ ସୁରକ୍ଷା | - ଗୋଷ୍ଠୀ ତଥା ମାତାପିତାଙ୍କର ସହିତ ଶିଶୁଙ୍କ ପ୍ରତି ଥିବା ସମସ୍ୟା, ସୁରକ୍ଷା ବ୍ୟବସ୍ଥା ଓ ନିରାପତ୍ତା ସମ୍ବନ୍ଧୀୟ ବିଷୟପ୍ରତି ବିଶେଷ ସୂଚନା ଦେବା | - ଦଳଗତ ଆଲୋଚନା<br>- ସମସ୍ୟ ଓ ସମାଧାନର ମୁକ୍ତ ବାର୍ତ୍ତାଳାପ | - ସୁରକ୍ଷା ନିର୍ଦ୍ଦେଶାବଳୀ |
| ୧୨ | ସୂଚନା, ଶିକ୍ଷା ଓ ଯୋଗାଯୋଗ ତଥା ପାରସ୍ପରିକ ଭାବର ଆଦାନ ପ୍ରଦାନ | ଶିଶୁବିକାଶରେ ଉଦ୍ଦିଷ୍ଟ ତାର ସାମଗ୍ରିକ ବିକାଶ ପ୍ରକ୍ରିୟା ବିଭିନ୍ନ ଯୋଗାଯୋଗ ଓ ସୂଚନା ମୂଳକ ଶିକ୍ଷା ତଥା ପରାମର୍ଶ ଗୁଡିକୁ ପିତାମାତା ଓ ଗୋଷ୍ଠୀ ସମ୍ପ୍ରଦାୟକୁ ଅବଗତ କରାଇବା | ଦଳଗତ ଆଲୋଚନା ବ୍ୟକ୍ତିଗତ ଆଲୋଚନା | - ସ୍ଥାନୀୟ କଳା ପ୍ରଦର୍ଶନ ଓ ଶିକ୍ଷଣ ବିଷୟ ବସ୍ତୁ |











## ମାସିକ ସ୍ଥାୟୀ ଇସିସିଇ ଦିବସ ପାଇଁ ଅଙ୍ଗନୱାଡ଼ି କର୍ମୀ ଓ ସହାୟିକାଙ୍କ

- ଯଦି ଅଙ୍ଗନବାଡ଼ି କେନ୍ଦ୍ରରେ ଯଥେଷ୍ଟ ସ୍ଥାନ ନଥାଏ ତାହାଲେ ପଂଚାୟତ ଘରେ ବୈଠକ ଆୟୋଜନ କରାଯାଇପାରେ
- ଇସିସିଇ ଦିବସ ପାଳନର ସ୍ଥାନ ଓ ସମୟ ସଂପର୍କରେ ଜନସାଧାରଣଙ୍କୁ ଆଗୁଆ ସୂଚନା ପ୍ରଦାନ
- ୬ ବର୍ଷରୁ କମ୍ ବୟସର ପିଲାଙ୍କ ତାଲିକା ପ୍ରସ୍ତୁତ କର । ସେହିପରି ଅନ୍ୟ ସୂତ୍ରରୁ ପ୍ରାକ୍ ଶିକ୍ଷା ପାଉଥିବା ପିଲାଙ୍କ ସଂଖ୍ୟାର ରେକର୍ଡ଼ ରଖ
- ପିଲାମାନଙ୍କୁ ଅତିରିକ୍ତ ପୁଷ୍ଟି ଯୋଗାଣ କର
- ମାସିକ ସ୍ଥାୟୀ ଇସିସିଇ ଦିବସ ପାଇଁ ପିଲାମାନଙ୍କ କାର୍ଯ୍ୟକ୍ରମ ଚିହ୍ନଟ କରି ତାଲିକା ପ୍ରସ୍ତୁତ
- ପିଲାମାନଙ୍କ ନିମନ୍ତେ ବିଷୟବସ୍ତୁଭିତ୍ତିକ କାର୍ଯ୍ୟକଳାପ ଆୟୋଜନ ପାଇଁ ନିଷ୍ପତ୍ତି ଗ୍ରହଣ କର
- ପିଏସ୍ଇ ସାମଗ୍ରୀ ସଜାଇ ପ୍ରଦର୍ଶନ କର
- ପିତାମାତା, ଅଭିଭାବକ ଓ ଯତ୍ନକାରୀଙ୍କୁ ବୁଝାଇବା ସହ ସେମାନଙ୍କ ସହ ଉତ୍ତମ ସଂପର୍କ ରକ୍ଷା କର
- ସିଡ଼ିପିଓ ଓ ସୁପରଭାଇଜରଙ୍କ ସହ ସମନ୍ୱୟ
- ପିଲାମାନଙ୍କ ଦ୍ୱାରା ଭୂମିକା ମାଧ୍ୟମରେ ପିତାମାତାଙ୍କୁ ଅନୁପ୍ରାଣିତ କରିବା
- ମା' ଓ ଶିଶୁ ସୁରକ୍ଷା କାର୍ଡ଼,  ଆଇପିସି ଟୁଲ କିଟ୍ ଓ ଅନ୍ୟ ଅନୁରୂପ ଉପକରଣ ବ୍ୟବହାର କର ।
- ପାଳନ ସଂପର୍କରେ ଏକ ରିପୋର୍ଟ ପ୍ରସ୍ତୁତ କର, ଯଦ୍ୱାରା ଏଥିରେ ଆଗକୁ ଉନ୍ନତି କରାଯାଇପାରିବ
- ମାସିକ ସ୍ଥାୟୀ ଇସିସିଇ ଦିବସ କାର୍ଯ୍ୟକଳାପରେ ଯେପରି ପ୍ରତ୍ୟେକ ପିଲା ସାମିଲ ହୋଇପାରିବେ ସେଥିପ୍ରତି ଦୃଷ୍ଟି ଦିଅ
- ଅଙ୍ଗନବାଡ଼ି କେନ୍ଦ୍ରକୁ ଆସୁଥିବା ପିଲାଙ୍କ ପିତାମାତା, ଅନ୍ୟ ବଡ଼ ପିଲାଙ୍କ ପିତାମାତା ଓ ସଂପ୍ରଦାୟର ଅନ୍ୟ ସଦସ୍ୟଙ୍କୁ ଆମନ୍ତ୍ରଣ କର
- ଇସିସିଇ ଦିବସରେ ଅଂଶଗ୍ରହଣ ପାଇଁ ଜେଜେ ଜେଜେମା ମୁଖ୍ୟତଃ ଜେଜେମାଙ୍କୁ ଉତ୍ସାହିତ କର
- ଏହି ଦିବସରେ ଅଂଶଗ୍ରହଣ ପାଇଁ ନିକଟସ୍ଥ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକଙ୍କୁ ନିମନ୍ତ୍ରଣ କର । ଏହାଫଳରେ ଅଙ୍ଗନବାଡ଼ିରୁ ପିଲାଙ୍କ ବିଦ୍ୟାଳୟ ଯିବା ମାର୍ଗ ସୁଗମ ହୋଇପାରିବ
- ପୁଞ୍ଜି ବା ପ୍ରକଳ୍ପରେ ସର୍ବୋତ୍ତମ ଧାରାରୁ ଶିକ୍ଷାଲାଭ କର
- କାଗଜପତ୍ର ରକ୍ଷଣାବେକ୍ଷଣ କର

## ସ୍ଥାୟୀ ମାସିକ ଇସିସିଇ ଦିବସ ପାଇଁ ପଂଚାୟତିରାଜ ଅନୁଷ୍ଠାନ ଓ ସହରାଂଚଳ ସ୍ୱୟଂଶାସିତ ସଂସ୍ଥା ସଦସ୍ୟଙ୍କ ଭୂମିକା

- ଏହି କାର୍ଯ୍ୟକ୍ରମ ପାଇଁ ଗୋଷ୍ଠୀଭିତ୍ତିକ ସଂଗଠନରୁ ଯେପରି ସହାୟତା ମିଳିପାରିବ ସେଥିପ୍ରତି ଦୃଷ୍ଟି ଦିଅ

- ବିଦ୍ୟାଳୟ ଶିକ୍ଷକ ଓ ପଂଚାୟତିରାଜ ଅନୁଷ୍ଠାନ ସଦସ୍ୟ ଏଥିରେ ଯେପରି ଅଂଶଗ୍ରହଣ କରିପାରିବେ ସେଥିପ୍ରତି ଦୃଷ୍ଟି ଦିଅ
- କାର୍ଯ୍ୟକ୍ରମ ସୂଚାରୁ ଭାବେ ସଂପନ୍ନ ପାଇଁ ଯେପରି ସ୍ୱଚ୍ଛ ପାନୀୟ ଜଳ, ଉପଯୁକ୍ତ ପରିମଳ ଆଦି ଉପଲବ୍ଧ ହେବ ସେଥିପ୍ରତି ଦୃଷ୍ଟି ଦିଅ

## ସ୍ଥାୟୀ ମାସିକ ଇସିସିଇ ଦିବସ ପାଇଁ ସିଡ଼ିପିଓ / ସୁପରଭାଇଜରଙ୍କ ଭୂମିକା

- ପ୍ରତ୍ୟେକ ଅଙ୍ଗନବାଡ଼ି କେନ୍ଦ୍ରକୁ ନିର୍ଦ୍ଧାରିତ ସମୟରେ ଆବଶ୍ୟକ ଅର୍ଥ ପ୍ରଦାନ କରିବା
- ଆବଶ୍ୟକ ପିଏସ୍ଇ କିଟ୍, କାର୍ଯ୍ୟକଳାପ ପୁସ୍ତିକା, ମୂଲ୍ୟାୟନ କାର୍ଡ଼ ଯେପରି ସଠିକ୍ ସମୟରେ ମିଳିପାରିବ ତାହା ନିଶ୍ଚିତ କରିବା
- ଲୋକ କଳାକାର ଓ ଆବଶ୍ୟକ ସ୍ଥଳରେ ଦୃଶ୍ୟ-ଶ୍ରାବ୍ୟ ବ୍ୟବସ୍ଥା କରିବା
- ଯଦି ଅଙ୍ଗନବାଡ଼ି କର୍ମୀ ଛୁଟିରେ ରହିଥାନ୍ତି, ତାହାଲେ ବିକଳ୍ପ ବ୍ୟବସ୍ଥା କରିବା
- ଯଦି ଅଙ୍ଗନବାଡ଼ି କେନ୍ଦ୍ରରେ ଯଥେଷ୍ଟ ସ୍ଥାନ ନଥାଏ ତାହାଲେ ବିକଳ୍ପ ସ୍ଥାନ ବ୍ୟବସ୍ଥା କରିବା

## ସ୍ଥାୟୀ ମାସିକ ଇସିସିଇ ଦିବସ ଆୟୋଜନ ପାଇଁ ତଦାରଖ ଓ ଅନୁଧ୍ୟାନ ବ୍ୟବସ୍ଥା

ସ୍ଥାୟୀ ମାସିକ ଇସିସିଇ ଦିବସ ଆୟୋଜନର ଗୁରୁତ୍ୱ ଦୃଷ୍ଟିରୁ ଆଇସିଡ଼ିଏସର ରାଜ୍ୟ, ଜିଲ୍ଲା, ବ୍ଲକ ଓ ଅଙ୍ଗନବାଡ଼ିସ୍ତରୀୟ ସମୀକ୍ଷା ବୈଠକରେ ଇସିସିଇ ଦିବସ କାର୍ଯ୍ୟକ୍ରମର ସମୀକ୍ଷା ହେବା ଆବଶ୍ୟକ ।


## ସ୍ଥାୟୀ ମାସିକ ଇସିସିଇ ଦିବସରୁ ଆକାଂକ୍ଷିତ ଫଳାଫଳ

ନିର୍ଦ୍ଦେଶାବଳୀ ଅନୁଯାୟୀ ସ୍ଥାୟୀ ମାସିକ ଇସିସିଇ ଦିବସ ନିୟମିତ ଆୟୋଜନ କରାଗଲେ ନିମ୍ନପ୍ରଦ ଫଳାଫଳ ହାସଲ କରାଯାଇପାରିବ


- ଇସିସିଇର ଗୁରୁତ୍ୱ ସଂପର୍କରେ ସଂପ୍ରଦାୟ ମଧ୍ୟରେ ସଚେତନତା ସୃଷ୍ଟି କରାଯାଇପାରିବ
- ଅଙ୍ଗନବାଡ଼ି କେନ୍ଦ୍ରରେ ଝିଅଙ୍କ ସମେତ ସବୁ ପିଲାଙ୍କ ପଞ୍ଜିକରଣ କରାଯାଇପାରିବ
- ୬ ବର୍ଷରୁ କମ୍ ବୟସ ପିଲାଙ୍କ ପାଇଁ ସ୍ଥାନୀୟ ଭାବେ ସ୍ୱଳ୍ପ ବ୍ୟୟରେ ଉପଲବ୍ଧ କ୍ରୀଡ଼ା ଉପକରଣ ସଂପର୍କରେ ସଚେତନତା ସୃଷ୍ଟି କରାଯାଇପାରିବ ।
- ନିଜ ପିଲାମାନଙ୍କ ପାଇଁ ଇସିସିଇକୁ ଅଧିକ ଫଳପ୍ରଦ କରିବାରେ ଅଭିଭାବକଙ୍କ ଭୂମିକା ସଂପର୍କରେ ଗୁରୁତ୍ୱାରୋପ କରାଯାଇପାରିବ
- ଇସିସିଇ ପୁସ୍ତିକା ଓ ଶିଶୁ ସମୀକ୍ଷା କାର୍ଡ଼ ଭିତ୍ତିରେ ପିଲାଙ୍କ ଅଗ୍ରଗତି ସଂପର୍କରେ ଅଭିଭାବକଙ୍କୁ ଅବଗତ କରାଯାଇପାରିବ ।
- ସ୍ଥାନୀୟ ଭାବେ ମିଳୁଥିବା ସ୍ୱଳ୍ପ ମୂଲ୍ୟର ପିଏସଇ ଉପକରଣ ସ୍ଥାନୀୟ କାରିଗରଙ୍କ ଦ୍ୱାରା ପ୍ରସ୍ତୁତି ପାଇଁ ସଂପ୍ରଦାୟ ମଧ୍ୟରେ ସଚେତନତା ସୃଷ୍ଟି କରାଯାଇପାରିବ ।














ପଜ୍‌ଲ୍ ଓ ବ୍ଲକ୍ କୋଣ
ରଙ୍ଗ ଓ ଛବି ବହି କୋଣ
ଚିତ୍ରାଙ୍କନ ଓ ଚିତ୍ରକଳା କୋଣ
ଖେଳନା ଓ ଅଭିନୟ କୋଣ


ଚତୁର କୁଆ
ଅନୁପୂରକ ପୋଷଣ କାର୍ଯ୍ୟକ୍ରମ
ମାଙ୍କଡ଼ ଓ କୁମ୍ଭୀର

# ସ୍ଥାୟୀ ମାସିକ ଚର୍ଚ୍ଚାପତ୍ର


ଆମ ଅଙ୍ଗନୱାଡି କେନ୍ଦ୍ର-୭
ଗ୍ରାମ-ବେଗୁନିଆପଡ଼ା







## ଶୈଶବରେ ଆଦ୍ୟ – ଉଦ୍ଦୀପନା ଓ ଅଭିପ୍ରେରଣାର ଭୂମିକା

### ଜନ୍ମଠାରୁ ପାଞ୍ଚବର୍ଷ ପର୍ଯ୍ୟନ୍ତ

ଜୀବନର ଅନ୍ୟ ପର୍ଯ୍ୟାୟ ତୁଳନାରେ, ଆଦ୍ୟ ଶୈଶବରେ ଶିଶୁମାନଙ୍କର ବିକାଶ ଦ୍ରୁତଗତିରେ ହୋଇଥାଏ । ପାଞ୍ଚବର୍ଷ ବୟସ ସୁଦ୍ଧା ମସ୍ତିଷ୍କର ଆକାର ଓ ବିକାଶ ପାଖାପାଖି ସମ୍ପୂର୍ଣ୍ଣ ହୋଇଥାଏ । ତେଣୁ ଶିଶୁଟିର ପ୍ରଥମ ପାଞ୍ଚବର୍ଷର ଅଭିଜ୍ଞତା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଶିଶୁଟିର ସ୍ନେହ ଓ ଯତ୍ନ ତାର ମସ୍ତିଷ୍କର ବିକାଶ ସହ ଯୋଡ଼ି ହୋଇ ରହିଛି । ସେମାନେ ବଢୁଥିବା ବାତାବରଣ ଓ ପରିବେଶରେ ଗ୍ରହଣ କରୁଥିବା ଅଭିଜ୍ଞତା ତାଙ୍କର ମସ୍ତିଷ୍କର ଆକାର ଓ ବିକାଶରେ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ । ଯେଉଁ ପିଲାମାନେ ସ୍ନେହ ଏବଂ ଯତ୍ନ ପାଇ ସୁରକ୍ଷିତ ବାତାବରଣରେ ବଢ଼ନ୍ତି, ସେମାନେ ସୁସ୍ଥ ଏବଂ ସକ୍ରିୟ ହୋଇଥାନ୍ତି । ଶିଶୁଟିକୁ ମାନସିକ ଭାବରେ ଦୃଢ଼ ଓ ବୁଦ୍ଧିଆ କରିବା ଲାଗି ବାପା, ମାଆ, ଜେଜେବାପା, ଜେଜେମାଆ, ଅଜାଆଇ, ଭାଇଭଉଣୀ ଓ ଆମ ସମସ୍ତଙ୍କର କିଛି ନା କିଛି କର୍ତ୍ତବ୍ୟ ରହିଛି ।

## ଆପଣ ଏହା କରିପାରିବେ

### ଖେଳିବା ବେଳେ

- ପିଲାଙ୍କୁ ଘରେ ଥିବା ବିଭିନ୍ନ ଜିନିଷ ଯେପରିକି ବାସନକୁସନ, ଲୁଗାପଟା, ପନିପରିବା, ଡ଼ବା ଇତ୍ୟାଦିରେ ଖେଳିବାକୁ ଦିଅନ୍ତୁ ।
- ପିଲା ସହ ମିଶି ନିଜେ ମଧ୍ୟ ଖେଳନ୍ତୁ ।
- ବାସନ ଓ ବେଲା ନେଇ ବିଭିନ୍ନ ଧ୍ୱନି ସୃଷ୍ଟି କରି ଖେଳନ୍ତୁ ।
- ଏହି ଜିନିଷଗୁଡ଼ିକ (ବାସନ, ଡ଼ବା ଇତ୍ୟାଦି) ଗୋଟିଏ ଉପରେ ଗୋଟିଏ ରଖି ମନ୍ଦିର, ପିରାମିଡ଼, ଘର, ଗୁମ୍ଫା ଆଦି ବନେଇ ପାରିବେ ।
- ତସଲାରେ ପାଣି ରଖି ଡ଼ଙ୍ଗା ଭସାଇ ଖେଳାନ୍ତୁ ।

### ଏହାର ଉପକାରିତା

- ପିଲାଟି ବିଭିନ୍ନ ଆକାର ଚିହ୍ନି ପାରିବ । ଆକୃତି ଓ ରଙ୍ଗ ବିଷୟରେ ମଧ୍ୟ ତାର ଧାରଣା ହେବ ।
- ସେ ବାତାବରଣରେ ଥିବା ବିଭିନ୍ନ ବିଷୟରେ ସଚେତନ ହେବ ।
- ସ୍ପର୍ଶ ଦ୍ୱାରା ପିଲା ନରମ – ଟାଣ, ଖଦଡ଼ା – ଚିକ୍କଣ ଆଦିର ଅନୁଭୂତି ଜାଣି ପାରିବ ।
- ବିଭିନ୍ନ ଧ୍ୱନି ସହିତ ତାର ପରିଚିତ ହେବ ।
- କ୍ରମାନ୍ୱୟତାର ଧାରଣା ସୃଷ୍ଟି ହେବ ।
- କଳ୍ପନା ଶକ୍ତିର ବିକାଶ ଘଟିବ ।

### ଗାଧୋଇବା ବେଳେ

- ଗାଧୋଇବା ସମୟରେ ପିଲାକୁ ନିଜେ ଗାଧୋଇବାକୁ ଦିଅନ୍ତୁ ।
- ନିଜେ ଢ଼ାଳରେ ପାଣି ଭରି ନିଜ ଉପରେ ଢ଼ାଳିବା ଶିଖାନ୍ତୁ ।
- ପିଲାଙ୍କୁ ସାବୁନରେ ଖେଳିବା ନିମନ୍ତେ ଦିଅନ୍ତୁ ଓ ବିଭିନ୍ନ ଅଙ୍ଗରେ ସାବୁନ ଲଗାଇ ଦିଅନ୍ତୁ ।
- ପିଲାସହ ବିଭିନ୍ନ ବିଷୟରେ କଥା ହୁଅନ୍ତୁ । ଯେପରି ପାଣି ଥଣ୍ଡା ଲାଗୁଛି ନା ଗରମ ?
- ପିଲା ସହ ବିଭିନ୍ନ ପାଣି ଖେଳ ଖେଳି ପାରିବେ ।

### ଏହାର ଉପକାରିତା:

- ପିଲାଟିର ଅଙ୍ଗପ୍ରତ୍ୟଙ୍ଗ ଚାଳନା ବୃଦ୍ଧି କରିବାରେ ସାହାଯ୍ୟ କରିବ।
- ପିଲାଟି ଥଣ୍ଡା, ଗରମ, ଭାସିବା – ବୁଡ଼ିବା, ଶୁଖିଲା – ଓଦା ବିଷୟରେ ଧାରଣା କରିପାରିବ।
- ପିଲାଟିର କଳ୍ପନା ଶକ୍ତିର ବିକାଶ ହେବ।
- ପିଲାଟି ପାଣି ଖେଳର ଆନନ୍ଦ ଅନୁଭବ କରିବ।

### ଖାଇବା ବେଳେ

- ଖାଇବା ବେଳେ ପିଲା ସହ କଥାବାର୍ତ୍ତା କରନ୍ତୁ।
- ପିଲା ସହ ଏକା ସଙ୍ଗେ ବସି ଆରାମରେ ଖାଆନ୍ତୁ।
- ପିଲାଙ୍କୁ ନିଜ ହାତରେ ନିଜେ ଖାଇବାର ସୁଯୋଗ ଦିଅନ୍ତୁ।
- ଖାଇବା ସମୟରେ ପିଲାକୁ ବିଭିନ୍ନ ପ୍ରଶ୍ନ ପଚାରନ୍ତୁ। ଯେପରି ଥାଳିରେ କ'ଣ ସବୁ ପରୀକ୍ଷା ଯାଇଛି ? ତାର ସ୍ୱାଦ କିପରି ଲାଗୁଛି ? ଆଜି ସକାଳୁ ଏବେ ଯାଏ କ'ଣ ସବୁ କରିଛ ?
- ଯଦି ସମ୍ଭବ ପିଲା ଖାଇ ସାରିବା ପର୍ଯ୍ୟନ୍ତ ତା' ସହ ବସି ରହନ୍ତୁ।

### ଏହାର ଉପକାରିତା

- ଶିଶୁ ଖାଦ୍ୟର ସ୍ୱାଦ ଉପଭୋଗ କରିବ।
- ଶିଶୁ ବିଭିନ୍ନ ସ୍ୱାଦ ଚିହ୍ନିବ।
- ଶରୀରର ବିଭିନ୍ନ ଅଙ୍ଗପ୍ରତ୍ୟଙ୍ଗ ସକ୍ରିୟ ହେବ।
- ଶରୀର ଓ ମନର ସମ୍ପର୍କ ଦୃଢ଼ୀଭୂତ କରିବ।
- ଭାଷାଗତ ବିକାଶ ହେବ।

### ବଗିଚା କାମ କଲାବେଳେ

- ପିଲାଟିକୁ ଗଛ, ପତ୍ର, ଫୁଲ, ଫଳ, ଡ଼ାଳ ଆଦି ଚିହ୍ନାନ୍ତୁ।
- ପିଲାଟି ସହିତ ଗଛର ଉପକାରିତା ବିଷୟରେ କଥାବାର୍ତ୍ତା କରନ୍ତୁ।
- ଚାରା ପୋତିବା ଶିଖାନ୍ତୁ।
- ଗଛରେ ପାଣି ଦେବା ଶିଖାନ୍ତୁ।
- ମାଟିରେ ମଳା କରିବା ଶିଖାନ୍ତୁ।

### ଏହାର ଉପକାରିତା

- ପିଲାଟି ସବୁଜ ପରିବେଶ ଉପଭୋଗ କରିବ।
- ସେ ଗଛର ଉପକାରିତା ବିଷୟରେ ସଚେତନ ହେବ।
- ତାର ଅଙ୍ଗପ୍ରତ୍ୟଙ୍ଗ ସକ୍ରିୟ ହେବ।
- ପ୍ରକୃତି ସହିତ ତାର ସମ୍ପର୍କ ନିବିଡ଼ ହେବ।

# ଶୈଶବରେ ଆଦ୍ୟ - ଉଦ୍ଦୀପନା ଓ ଅଭିପ୍ରେରଣାର ଭୂମିକା
# (ଜନ୍ମରୁ ୩ ବର୍ଷ ପର୍ଯ୍ୟନ୍ତ)

ଜନ୍ମରୁ ୩ ବର୍ଷ ପର୍ଯ୍ୟନ୍ତ ପିଲାମାନଙ୍କର ସମସ୍ତ ପ୍ରକାର ଯତ୍ନ ପରିବାରରେ ଓ ଶିଶୁ ଯତ୍ନ କେନ୍ଦ୍ରରେ ନିଆଯିବା ଆବଶ୍ୟକ। ପରିବାରରେ ଓ ଶିଶୁ ଯତ୍ନ କେନ୍ଦ୍ରରେ ତାଙ୍କର ବଞ୍ଚିବା ଓ ବଢ଼ିବା ପାଇଁ ଏକ ନିରାପଦ ଓ ସୁରକ୍ଷିତ ପରିବେଶ ଯୋଗାଇ ଦେବା ଉଚିତ୍। ଏହି ସମୟରେ ପିଲାକୁ କେବଳ ସ୍ନେହ ଓ ଆଦର କରି ତାଙ୍କର ଯତ୍ନ ନେବେ। ସେମାନଙ୍କର ମାନସିକ ବିକାଶ ପାଇଁ ସୁଯୋଗ ଓ ପ୍ରୋତ୍ସାହନ ଯୋଗାଇ ଦେବାର ଆବଶ୍ୟକତା ରହିଛି।


## ଆପଣ ଏହା କରିପାରିବେ

- ଜନ୍ମରୁ ୬ ମାସ ପର୍ଯ୍ୟନ୍ତ ନବଜାତ ଶିଶୁଙ୍କର ପୁଷ୍ଟି ଓ ଖାଦ୍ୟ ଠିକ୍ ସମୟରେ ଦିଆଯିବା ଆବଶ୍ୟକ।
- ଶିଶୁର ଶାରୀରିକ ବିକାଶ ପାଇଁ ପୁଷ୍ଟିକର ଖାଦ୍ୟ ଠିକ୍ ସମୟରେ ଦିଆଯିବ।
- ଠିକ୍ ସମୟରେ ଶିଶୁର ଟୀକାକରଣ ହେବା ଜରୁରୀ।
- ପରିବେଶକୁ ଏପରି ଶିଶୁ ପ୍ରିୟ କରିବେ, ଯେପରି ଶିଶୁଟି ସେଥିରୁ ଆନନ୍ଦ ଲାଭ କରିବ। ପରିବେଶ ରଙ୍ଗୀନ ରଖନ୍ତୁ। ଶିଶୁଟିର ନଜର ପଡ଼ିବା ଭଳି ଜାଗାରେ ଅନେକ ପ୍ରକାରର ବସ୍ତୁ ଓ ଖେଳନା ରଖନ୍ତୁ।
- ଶିଶୁମାନଙ୍କର ସମସ୍ତ ଇନ୍ଦ୍ରିୟର ବିକାଶ ପାଇଁ ସେମାନେ ଅନେକ ଜିନିଷ ଦେଖିବା, ବହୁତ ପ୍ରକାର ଧ୍ୱନୀ ଓ ଶବ୍ଦ ଶୁଣିବା, ଅନେକ ପ୍ରକାର ଖାଦ୍ୟ ଚାଖିବା, ଅନେକ ବାସ୍ନା ସହିତ ପରିଚିତ ହେବା ଓ ଅନେକ ବସ୍ତୁକୁ ନିଜେ ଧରି ପରୀକ୍ଷା ନୀରିକ୍ଷା କରିବା ନିମନ୍ତେ ସୁଯୋଗ ସୃଷ୍ଟି କରିବେ।
- ପରିବେଶକୁ ପରୀକ୍ଷା ନିରୀକ୍ଷା କରି ପିଲାଟିକୁ ଅନେକ କଥା ଶିଖିବା ପାଇଁ ସୁଯୋଗ ଦେବେ।









## ଶିଶୁର ଅଭିବୃଦ୍ଧିରେ ଖେଳର ଗୁରୁତ୍ୱ

ଶିଶୁର ବିକାଶ ନିମନ୍ତେ ଖେଳ ହେଉଛି ଅପରିହାର୍ଯ୍ୟ। ଏଥିପାଇଁ ଶିଶୁଙ୍କୁ ଖେଳରେ ସାମିଲ କରିବାକୁ ପଡ଼ିବ। ଶାରୀରିକ ଓ ମାନସିକ ଏହି ଦୁଇଟିର ବିକାଶ ଖେଳ ମାଧ୍ୟମରେ ହୋଇଥାଏ। ଶିଶୁମାନଙ୍କ ସୃଜନଶୀଳତା ପାଇଁ ଖେଳର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଶାରୀରିକ, କାଳ୍ପନିକ, ବୌଦ୍ଧିକ ଏବଂ ଆବେଗିକ ବିକାଶ ସୁଦୃଢ଼ କରିବା ପାଇଁ ଖେଳର ଆବଶ୍ୟକତା ରହିଛି।

### ଖେଳର ଭୂମିକା

- ଖେଳ ପିଲାଙ୍କୁ ତା'ର ଚାରିପାଖର ବାତାବରଣକୁ ଚିହ୍ନିବା ଓ ପରଖିବା ଦିଗରେ ସାହାଯ୍ୟ କରିଥାଏ।
- ପିଲାମାନଙ୍କ ସହିତ ମିଶିକରି ହେଉ ବା ବଡ଼ମାନଙ୍କ ତତ୍ତ୍ୱାବଧାନରେ ହେଉ, ଖେଳ ପିଲାଙ୍କ ମନରୁ ଭୟ ଦୂର କରେ।
- ସାମାଜିକ ବିକାଶ ଯଥା ଦାୟିତ୍ୱପୂର୍ଣ୍ଣତା, ଆତ୍ମବିଶ୍ୱାସ, ଉପାୟ ବାହାର କରିବାର ଦକ୍ଷତା ଆଦିର ବୃଦ୍ଧି ଘଟେ।
- ମଜା, ଖେଳ ଭିତରେ କଥାବାର୍ତ୍ତା, ଦୌଡ଼ାଦୌଡ଼ି ଇତ୍ୟାଦି ମନୋରଞ୍ଜନର ଉପାଦାନ ଅଟେ ଯାହା ଫଳରେ ଶିଶୁଟି ଖୁସି ରହେ।
- ଖେଳ ଦ୍ୱାରା ଶିଶୁଟି ଅନ୍ୟମାନଙ୍କ ସହ ଭାବଗତ ସମ୍ପର୍କ ସ୍ଥାପନ କରିଥାଏ।

### ବିଭିନ୍ନ ପ୍ରକାର ଖେଳ :

- ଶିଶୁଟିକୁ ଏକା ଛାଡ଼ିଦେଲେ ସେ ଖେଳନା ସାମଗ୍ରୀ ସାଙ୍ଗେ ଆନନ୍ଦରେ ସମୟ କାଟିଥାଏ।
- ସାଙ୍ଗମାନଙ୍କ ସାଙ୍ଗେ ମିଶି ଅନେକ ଶିଶୁ ମଜା ଉଠାନ୍ତି।
- ବଡ଼ମାନଙ୍କ ସାଙ୍ଗେ ମିଶି ଶିଶୁମାନେ ଅନେକ ନୂଆ ଖେଳ ଶିଖନ୍ତି।
- ଲୁଚକାଳି, ଉଦୁଉଦୁମା, ଇଟିକିଲି ମିଟିକିଲି, ଛକି ଶୂନ, ଚକା ଚକା ଭଉଁରୀ ଆଦି ଘର ଭିତରେ ଖେଳାଯାଇ ପାରିବ।
- କଣ୍ଢେଇ ବାହାଘର, ରୋଗୀ ଦେଖିବା, ପାଠ ପଢ଼ାଇବା ଇତ୍ୟାଦି ମିଛିମିଛିକା ଖେଳ ପିଲାଟିର କଳ୍ପନା ଶକ୍ତି ବୃଦ୍ଧି କରିବାରେ ସାହାଯ୍ୟ କରେ।
- ଗୋଡ଼ାଗୋଡ଼ି, ଦୌଡ଼ ରେସ୍, ରୁମାଲ ଚୋରି, ସାଇକେଲ୍ ଚଳେଇବା ଆଦି ଘର ବାହାରେ ଖେଳାଯାଇ ପାରିବ।

### ଆପଣ ଏହା କରିପାରିବେ।

- ଶିଶୁ ମାନଙ୍କୁ ସେମାନଙ୍କର ଆଗ୍ରହ ଅନୁଯାୟୀ ଏବଂ ପରିବେଶକୁ ଦୃଷ୍ଟିରେ ରଖି ଖେଳନା ଓ ଅନ୍ୟାନ୍ୟ ଖେଳ ସମ୍ବନ୍ଧୀୟ ସାମଗ୍ରୀ ଯୋଗାଇଦେବେ।
- ଶିଶୁମାନେ କିପରି ନିରାପଦ ଭାବରେ ଖେଳିବେ ସେଥିପ୍ରତି ସତର୍କ ରହିବେ।
- ଶିଶୁଟି ସହିତ ମିଶି ଖେଳିଲେ ତା'ର ଖୁସି ଦ୍ୱିଗୁଣିତ ହେବା ସଙ୍ଗେ ସଙ୍ଗେ ତା'ର ବୌଦ୍ଧିକ ଓ ଆବେଗିତ ବିକାଶ ତ୍ୱରାନ୍ୱିତ ହୁଏ।









# ଭଲ ଅଭ୍ୟାସ ସୃଷ୍ଟି କରିବା
# (ହାତ ଧୋଇବାକୁ ଅଭ୍ୟାସ କରିବା)

## ହାତ କେତେବେଳେ ଧୋଇବା :


- ଖାଦ୍ୟ ଖାଇବା ପୂର୍ବରୁ ଏବଂ ପରେ
- ପାଇଖାନା ଯିବା ପରେ
- ଘର ସଫାସୁତୁରା କରିବା ପରେ
- ଗୃହପାଳିତ ପଶୁପକ୍ଷୀଙ୍କୁ ଛୁଇଁବା ପରେ
- ଡ଼ାକ୍ତରଖାନାରୁ ଫେରିବା ପରେ
- ଖେଳିବା, ବଗିଚା କାମ, ଆଦି ପରେ
- ମୁହଁରେ ହାତ ଦେଇ କାଶିବା ବା ଛିଙ୍କିବା ପରେ

## ହାତ ଧୋଇବା ପ୍ରଣାଳୀ

- ଉଷୁମ କିମ୍ବା ଥଣ୍ଡା ପାଣିରେ ହାତ ଧୋଇବା
- ହାତରେ ସାବୁନ୍ କିମ୍ବା ପାଉଡ଼ରକୁ ନେବା
- ଭଲ ଭାବରେ ଦୁଇ ହାତରେ ବୋଳିବା
- ଭଲ ଭାବରେ ଦୁଇହାତକୁ ୨୦ ସେକେଣ୍ଡ ପର୍ଯ୍ୟନ୍ତ ଘସିବା
- ଭଲଭାବର ହାତକୁ ଧୋଇଦେବା
- ହାତକୁ ଭଲ ଭାବରେ ପୋଛିନେବା


## ହାତ ଧୋଇବା ଦ୍ୱାରା କ'ଣ ସୁଫଳ ମିଳିଥାଏ ?

- ଆଖିକୁ ଦେଖା ଯାଉଥିବା ଓ ଦେଖାଯାଉନଥିବା ଅସଂଖ୍ୟ ଜୀବାଣୁଠାରୁ ରକ୍ଷା ପାଇବା ପାଇଁ ହାତ ଧୋଇବା ଜରୁରୀ ।
- ପରସ୍ପରକୁ ସଂକ୍ରମିତ ହେଉଥିବା ଅନେକ ରୋଗରୁ ହାତଧୁଆ ମୁକ୍ତ କରେ ।
- ସ୍ୱାସ୍ଥ୍ୟ ରକ୍ଷା କ୍ଷେତ୍ରରେ ବିଶୁଦ୍ଧ ଜଳ ଏବଂ ପରିମଳ ପ୍ରମୁଖ ଭୂମିକା ନିଭାଇଥାଏ ।









ମହିଳା ଓ ଶିଶୁ ବିକାଶ ଏବଂ ମିଶନଶକ୍ତି ବିଭାଗ
ଓଡିଶା - ୨୦୧୯